ସୋମବାର, ୧୦ ଜୁନ୍ ୨୦୧୯, ଭୁବନେଶ୍ୱର


# "ଜିଏସ୍‌ଟି - ଆନୁଆଲ ରିଟର୍ଣ୍ଣ ଓ ଅଡ଼ିଟ୍" ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୯।୬(ନି.ପ୍ର): ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଂଟାନଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) - ଭୁବନେଶ୍ୱର ଚାପ୍ଟର ପକ୍ଷରୁ "ଜିଏସ୍‌ଟି - ଆନୁଆଲ ରିଟର୍ଣ୍ଣ ଓ ଅଡ଼ିଟ୍" ଶୀର୍ଷକ ଏକ ଦିନିକିଆ ଆଲୋଚନା ଚକ୍ର ସଫଳତାର ସହିତ ସିଏମ୍‌ଏ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଆନନ୍ଦ ଶତପଥୀ, ସ୍ପେସାଲ କମିସନର୍, ଜିଏସଟି, ଓଡ଼ିଶା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆଲୋଚନାଚକ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ସିଏ ବିବେକ ଜଲାନ୍, ଟ୍ୟାକ୍ସ କଂନେକ୍ଟ ଆଡ଼ଭାଇଜୋରୀ, କୋଲକତା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ରଖାଯାଇଥିବା ବିଷୟ ବସ୍ତୁ ଉପରେ ସବିଶେଷ ବାଖ୍ୟା କରିଥିଲେ। ଚାପ୍ଟର ଅଧ୍ୟକ୍ଷ ସିଏମ୍‌ଏ ଶକ୍ତିଧର ସିଂହ ସ୍ୱାଗତଭାଷଣ ଦେଇଥିବାବେଳେ ସମ୍ପାଦକ ସିଏମ୍‌ଏ ହିମୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଏମ୍‌ଏ ମୁକେଶ ଚୌବେ, ଅଧ୍ୟକ୍ଷ, ପ୍ରଫେସନାଲ ଡ଼େଭଲପମେଂଟ୍ କମିଟି କର୍ମଶାଳାଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଉପସ୍ଥିତ ଥିବା ଅନ୍ୟ ପରିଚାଳନା କମିଟିର ସଦସ୍ୟମାନେ ହେଲେ ସିଏମ୍‌ଏ ତାପସ ରଞ୍ଜନ ସ୍ୱାଇଁ, ଉପାଧ୍ୟକ୍ଷ, ସିଏମ୍‌ଏ ସାନ୍ତନୁ କୁମାର ରାଉତ, ସିଏମ୍‌ଏ ଆଶୁତୋଷ ଦେବତା, ସିଏମ୍‌ଏ ଅଜୟ କୁମାର ସାମଲ, ସିଏମ୍‌ଏ ସୂର୍ଯ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ସଦସ୍ୟବୃନ୍ଦ ଓ ସିଏମ୍‌ଏ ପ୍ରଣବ କୁମାର ବେହେରା। କୋଷାଧ୍ୟକ୍ଷ। ୨୦୦ରୁ ଊର୍ଦ୍ଧ୍ୱ ସିଏମଏ ଉକ୍ତ ଆଲୋଚନା ଚକ୍ରଟିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମସ୍ତ ପରିଚାଳନା କମିଟି ସଦସ୍ୟ ଓ କର୍ମଚାରୀମାନଙ୍କ ଉତମ ସହଯୋଗରେ କର୍ମଶାଳାଟି ଶୃଙ୍ଖଳିତ ଭାବେ ସଫଳତାର ସହିତ ସମାପନ ହୋଇଥିଲା।




Scanned by CamScanner